# ୬୦୧ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଲଖନପୁର, ୨୪।୨(ଡି.ଏନ୍.ଏ.)- ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି) ପକ୍ଷରୁ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ଦଲଗାଁ ଆଞ୍ଚଳିକ ହାଇସ୍କୁଲ୍‌ଠାରେ ଶନିବାର ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା । ଶିବିରକୁ ଇବ୍ ଥର୍ମାଲ୍ ଡାକ୍ତରଖାନାର ପ୍ରମୁଖ ଚିକିତ୍ସକ ଡ. ବିଜୟଲାଲ୍ ବିଶ୍ୱାଳ ଉଦ୍‌ଘାଟନ କରିଥିବା ବେଳେ ଡ. ସଙ୍ଗୀତା ପଣ୍ଡା ସହଯୋଗ କରିଥିଲେ । ୩ ନମ୍ବର ଜିଲାପରିଷଦ



ଶିବିରରେ ଡାକ୍ତର ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି ।

ଜୋନ୍‌ର ୬୦୧ ଜଣ ରୋଗୀ ନାମ ପଞ୍ଜୀକରଣ କରିଥିଲେ । ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା । ଡ. ବିଶ୍ୱାଳଙ୍କ ସହ ଡ. ପଣ୍ଡା, ଡ. ଦିଲୀପ ପଟ୍ଟନାୟକ, ଡ. ଆଶିଷ ରାୟ, ଡ. ୱାଇ.ସି. ରାଓ ପ୍ରମୁଖ ରୋଗୀମାନଙ୍କ ଚିକିତ୍ସା କରିଥିଲେ । ପ୍ରକଳ୍ପର ମାନବ ସମ୍ବଳ ଅଧିକାରୀ ଦିଲୀପ କୁମାର ପଣ୍ଡା ଓ ହିମାଂଶୁ ବେହେରା ପ୍ରମୁଖ ଅଧିକାରୀ ଶିବିର ପରିଦର୍ଶନ କରିଥିଲେ । ଡାକ୍ତରଖାନାର କର୍ମଚାରୀ, ଇବ୍ ଥର୍ମାଲ୍ ମହିଳା କ୍ଲବ୍ ସଦସ୍ୟା ଓ ଅନ୍ୟ କର୍ମଚାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଶିବିର ସକାଳ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିଥିଲା ।